## ଦ୍ୱିତୀୟ ଦିନରେ ଭାରତର ୩ ଶତକ, ୱେଷ୍ଟଇଣ୍ଡିଜକୁ ମିଳିଲା ୩ ୱିକେଟ



ଅହମ୍ମଦାବାଦ,୩/୧୦(ନ୍ୟୁ.ଏ): ପ୍ରଥମ ଦିନ ଭଳି ଦ୍ୱିତୀୟ ଦିନରେ ମଧ୍ୟ ଭାରତୀୟ କ୍ରିକେଟ ଟିମର ଦବଦବା । ୱେଷ୍ଟଇଣ୍ଡିଜ ବିପକ୍ଷ ପ୍ରଥମ ଟେଷ୍ଟରେ ଭାରତୀୟ ଖେଳାଳିଙ୍କ ଜଲୱା ଜାରି । ଦ୍ୱିତୀୟ ଦିନରେ ଭାରତୀୟ ଟିମ ପାଇଁ ୩ ଜଣ ବ୍ୟାଟର ହାସଲ କରିଛନ୍ତି ଶତକ । ଭ୍ରମଣକାରୀ ଇଣ୍ଡିଜ ଦିନ ତମାମ ବୋଲିଂ କରି କେବଳ ୩ଟି ୱିକେଟ ନେବାକୁ ସକ୍ଷମ ହୋଇଛି ।

ଭାରତ ପାଇଁ ଆଜି କେଏଲ ରାହୁଲ ପ୍ରଥମେ ଶତକ ହାସଲ କରିଥିଲେ । ଏହାପରେ ୱିକେଟ କିପର ଧ୍ରୁବ ଜୁରେଲ ତାଙ୍କ ଟେଷ୍ଟ କ୍ୟାରିୟରର ପ୍ରଥମ ଶତକ ମାରିଥିଲେ । ଦିବସର ଖେଳ ଶେଷ ହେବାକୁ କିଛି ସମୟ ବାକି ଥିବା ବେଳେ ନୂଆ କରି ଉପ ଅଧିନାୟକ ପଦ ପାଇଥିବା ଅଲିରାଉଣ୍ଡର ରବୀନ୍ଦ୍ର ଜାଡେଜାଙ୍କ ବ୍ୟାଟରୁ ଦେଖିବାକୁ ମିଳିଛି ଆଉ ଏକ ଶତକ । ଏହା ତାଙ୍କ କ୍ୟାରିୟରର ୬ଷ୍ଠ ଟେଷ୍ଟ ଟନ୍ । ୱେଷ୍ଟଇଣ୍ଡିଜ ଟିମ ପ୍ରଥମ ଇନିଂସରେ ମାତ୍ର ୧୬୨ ରନ କରିଥିବା ବେଳେ ଭାରତର ସ୍କୋର ଏବେ ୪୪୮ ରନରେ ପହଞ୍ଚି ଯାଇଛି । ଦ୍ୱିତୀୟ ଦିନର ଖେଳ ଶେଷ ବେଳକୁ ଭାରତର ପ୍ରଥମ ଇନିଂସ ଲିଡ ୨୮୬ ରନରେ ପହଞ୍ଚି ସାରିଲାଣି । ଏବେ ବି ଦଳ ହାତରେ ଆହୁରି ୫ ୱିକେଟ ରହିଛି । ଷ୍ଟମ୍ପ ଅପସାରଣ ବେଳକୁ ଜାଡେଜା ୧୦୪ ରନ ଓ ୱାଶିଂଟନ ସୁନ୍ଦର ୯ ରନ କରି ଅପରାଜିତ ରହିଛନ୍ତି । ଆଜି ଭାରତ ଅଧିନାୟକ ଶୁବମନ ଗିଲ(୫୦), ରାହୁଲ(୧୦୦) ଓ ଜୁରେଲ(୧୨୫)ଙ୍କୁ ହରାଇଛି । ପ୍ରଥମ ଦିନର ସ୍କୋର ୧୨୧/୨ରୁ ଆଜି ଭାରତ ଇନିଂସ ଆରମ୍ଭ କରିଥିଲା । ଶୁବମନ ଗିଲ ଓ ରାହୁଲ ଦମଦାର ବ୍ୟାଟିଂ କରି ପ୍ରଥମେ ସ୍କୋରକୁ ବରାବର କରିଥିଲେ । ଏହାପରେ ଗିଲଙ୍କ ବ୍ୟାଟରୁ ଅର୍ଦ୍ଧଶତକ ହାସଲ କରିଥିଲେ । ସେ ଲୟରେ ଥିବା ଭଳି ଲାଗୁଥିଲେ ହେଁ ଇଣ୍ଡିଜ ଟିମର ଅଧିନାୟକ ରୋଷ୍ଟନ ଚେଜ ତାଙ୍କୁ ଜଷ୍ଟିନ ଗ୍ରେବ୍ସଙ୍କ ହାତରେ ଆଉଟ କରି ଭାରତକୁ ଦିବସର ପ୍ରଥମ ଝଟକା ଦେଇଥିଲେ ।

ଏହାପରେ ରାହୁଲ ଓ ଜୁରେଲ ସ୍ଥିତି ସମ୍ଭାଳିଥିଲେ । ଉଭୟ ଦଳୀୟ ସ୍କୋରକୁ ୨୦୦ ପାର କରାଇଥିଲେ । ରାହୁଲଙ୍କ ବ୍ୟାଟରୁ ଘରୋଇ ମାଟିରେ ଦୀର୍ଘ ୯ ବର୍ଷ ପରେ ଟେଷ୍ଟରେ ଶତକ ମଧ୍ୟ ଦେଖିବାକୁ ମିଳିଥିଲା । ୧୯୦ ବଲ ଓ ୧୨ଟି ଚୌକା ବଳରେ ଶତକ ହାସଲ କରିଥିବା ରାହୁଲ ଏହାକୁ ଆଉ ଆଗକୁ ନେଇ ପାରି ନଥିଲେ । ଜୋମେଲ ୱାରିକାନଙ୍କ ବଲରେ ତାଙ୍କୁ ଆଉଟ ହେବାକୁ ପଡ଼ିଥିଲା । ଭାରତ ୨୧୮ ରନରେ ନିଜର ୪ର୍ଥ ୱିକେଟ ହରାଇଥିଲା । ବାସ ଏହାପରେ ଜାଡେଜା ଓ ଜୁରେଲ ସ୍ଥିତି ସମ୍ଭାଳିଥିଲେ । ଉଭୟ ଇଣ୍ଡିଜ ବୋଲରଙ୍କ ସବୁ ପ୍ରୟାସକୁ ଭଣ୍ଡୁର କରୁଥିଲେ । ମଝିରେ ମଝିରେ ଜାଡେଜା ଛକା ମଧ୍ୟ ମାରିଥିଲେ । ଏସବୁ ଭିତରେ ଜୁରେଲ ନିଜ ଟେଷ୍ଟ କ୍ୟାରିୟରର ପ୍ରଥମ ଶତକ ହାସଲ କରିଥିଲେ । ଏହାପରେ ସେ କିଛି ବଡ଼ ଶଟ ଖେଳି ଦଳୀୟ ସ୍କୋରକୁ ୪୦୦ ପାର କରାଇଥିଲେ । ଭାରତର ସ୍କୋର ୪୨୫ ଥିବା ବେଳେ ବ୍ୟକ୍ତିଗତ ୧୨୫ ରନ କରି ଡେବ୍ୟୁଟାଣ୍ଟ ଖାରୟ ପିରେଙ୍କ ବଲରେ ଆଉଟ ହୋଇଥିଲେ ଜୁରେଲ । ଏହି ଶତକୀୟ ଇନିଂସରେ ସେ ୨୧୦ ବଲର ସାମ୍ନା କରିଛନ୍ତି । ଏଥିରେ ୧୫ଟି ଚୌକା ଓ ୩ଟି ଛକା ମାରିଛନ୍ତି । ଜୁରେଲ ଆଉଟ ହେବା ପରେ ଆସିଥିଲେ ସୁନ୍ଦର । ତାଙ୍କୁ ସାଥୀ କରି ଜାଡେଜା ପ୍ରଥମେ ନିଜର ୬ଷ୍ଠ ଟେଷ୍ଟ ଶତକ ହାସଲ କରିଥିଲେ । ସୁନ୍ଦର ମଧ୍ୟ ବେଶ ସତର୍କତାର ସହ ବ୍ୟାଟିଂ କରିଥିଲେ । ଉଭୟ ୬ଷ୍ଠ ୱିକେଟ ପାଇଁ ଅପରାଜିତ ୨୪ ରନ ଯୋଡ଼ି ଥିବା ବେଳେ ଇଣ୍ଡିଜକୁ କୌଣସି କ୍ଷତି ଘଟାଇବାକୁ ଦେଇ ନାହାନ୍ତି । ୧୦୯ରେ ଅପରାଜିତ ଥିବା ଜାଡେଜା ୫ଟି ଛକା ଓ ୬ଟି ଚୌକା ମାରିଛନ୍ତି । ଭାରତର ଲିଡ୍ ୨୮୬ ରନ ହୋଇ ଯାଇଥିବା ବେଳେ ଆସନ୍ତାକାଲି ଜାଡେଜା ଓ ସୁନ୍ଦର ଇନିଂସ ଆଗକୁ ନେବେ । ଏବେ ଭାରତ ବିଶାଳ ଲିଡ ସହ ଇନିଂସ ବିଜୟ ମୁଡରେ ରହିଥିବା କୁହାଯାଉଛି ।

## ୩୨୧୧ ଦିନ ପରେ ରାହୁଲ ମାରିଲେ ଶତକ



ଅହମଦାବାଦ,୩/୧୦(ନ୍ୟୁ.ଏ): ପ୍ରାୟ ୯ ବର୍ଷ ଧରି ଚାଲିଥିବା ଅପେକ୍ଷାରେ ପୂର୍ଣ୍ଣଚ୍ଛେଦ ଟାଣିଛନ୍ତି ଭାରତୀୟ ଟେଷ୍ଟ କ୍ରିକେଟ ଟିମର ଓପନର କେଏଲ ରାହୁଲ । ୩୨୧୧ ଦିନ ପରେ କୌଣସି ଘରୋଇ ଟେଷ୍ଟରେ ରାହୁଲଙ୍କ ବ୍ୟାଟରୁ ବାହାରିଛି ଶତକ । ଅହମଦବାଦରେ ଚାଲିଥିବା ୱେଷ୍ଟଇଣ୍ଡିଜ ବିପକ୍ଷ ପ୍ରଥମ ଟେଷ୍ଟର ଦ୍ୱିତୀୟ ଦିନରେ ରାହୁଲ ଦମଦାର ଶତକ ହାସଲ କରିଛନ୍ତି । ୧୯୦ ବଲରେ ରାହୁଲ ଶତକ କରିବା ପରେ ଜୋମେଲ ୱାରିକାନଙ୍କ ବଲରେ ପ୍ୟାଭିଲିୟନ ଫେରିଛନ୍ତି । ଦ୍ୱିତୀୟ ଦିନର ପ୍ରଥମ ସେସନରେ ରାହୁଲ ଶତକ ମାରି ନିଜ ଦକ୍ଷତାର ପରିଚୟ ଦେଇଛନ୍ତି । ୩୨୧୧ ଦିନ ପରେ ଶତକ ମରୁଡ଼ିରେ ପୂର୍ଣ୍ଣଚ୍ଛେଦ ଟାଣିଥିବା ୩୨ ବର୍ଷୀୟ ରାହୁଲ ଆଜି ବେଶ ନିଆରା ଢଙ୍ଗରେ ନିଜର ସେଲିବ୍ରେସନ କରିଛନ୍ତି । ଶତକ ମାରିବା ପରେ ସେ ହେଲମେଟ ଖୋଲି ବ୍ୟାଟକୁ ଡ୍ରେସିଂ ରୁମ ଆଡ଼କୁ ଦେଖାଇଥିଲେ । ଏହାପରେ ନିଜ ବାମ ହାତର ଦୁଇଟି ଆଙ୍ଗୁଠି ପାଟି ପୂରାଇ ସେ ନିଜ ଶତକକୁ ସେଲିବ୍ରେଟ କରିଛନ୍ତି ।

ସମ୍ଭବତଃ ସେ ନିଜର ଛୋଟ ଝିଅ ଇଭାରାଙ୍କ ଉଦ୍ଦେଶ୍ୟରେ ଏପରି କରିଥିବା କୁହାଯାଉଛି । ଏହି ନିଆରେ ସେଲିବ୍ରେସନର ଭିଡିଓ ଓ ଫଟୋ ମଧ୍ୟ ବେଶ ଭାଇରାଲ ହେବାରେ ଲାଗିଛି । ରାହୁଲଙ୍କ ଶତକକୁ ମୁଖ୍ୟ କୋଚ ଗୌତମ ଗମ୍ଭୀର, ଅନ୍ୟ ସପୋର୍ଟ ଷ୍ଟାଫ ଓ ଅନ୍ୟ ଖେଳାଳିମାନେ ମଧ୍ୟ ତାଳି ମାରି ସ୍ୱାଗତ କରିଛନ୍ତି । ଷ୍ଟାଡିୟମରେ ଯଦିଓ ଦର୍ଶକଙ୍କ ସଂଖ୍ୟା କମ ରହିଛି, କିନ୍ତୁ ଶତକ ପରେ ରାହୁଲ ରାହୁଲ ନାରା ଶୁଣିବାକୁ ମିଳିଛି । ଶୁକ୍ରବାର ପୂର୍ବରୁ ଘରୋଇ ମାଟିରେ ରାହୁଲ ଶେଷଥର ପାଇଁ ଇଂଲଣ୍ଡ ବିପକ୍ଷ ୨୦୧୬ ଟେଷ୍ଟରେ ଶତକ ହାସଲ କରିଥିଲେ । ଏହି ମ୍ୟାଚ୍‌ରେ କରୁଣ ନାଏରଙ୍କ ପ୍ରସିଦ୍ଧ ୩୦୦ ରନର ଇନିଂସ ଦେଖିବାକୁ ମିଳିଥିଲା । ଏହାପରେ ରାହୁଲ ଘରୋଇ ମାଟିରେ ଆଉ କୌଣସି ଶତକ ହାସଲ କରିପାରି ନଥିଲେ । ନିକଟରେ ଶେଷ ହୋଇଥିବା ଇଂଲଣ୍ଡ ବିପକ୍ଷ ଆଣ୍ଡରସନ-ତେନ୍ଦୁଲକର ଟ୍ରଫିରେ ରାହୁଲ ଦୁଇଟି ଶତକ ହାସଲ କରିଥିଲେ । ଇଂଲଣ୍ଡ ମାଟିରେ ଖେଳା ଯାଇଥିବା ଏହି ୫ ଟିକିଆ ସିରିଜରେ ସେ ୫୦ ହାରରେ ୫୩୨ ରନ କରିଥିଲେ । ମ୍ୟାଚ୍ କଥା ବିଚାରକୁ ନେଲେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଇଣ୍ଡିଜ ଟିମ ପ୍ରଥମ ଇନିଂସରେ ୧୬୨ ରନରେ ଅଲଆଉଟ ହୋଇଯାଇଥିଲା । ଏହାର ଜବାବରେ ଭାରତ ତା'ର ପ୍ରଥମ ଇନିଂସରେ ରାହୁଲଙ୍କ ଶତକ, ଅଧିନାୟକ ଗିଲଙ୍କ ୫୦ ରନ ବଳରେ ବଡ଼ ଲିଡ ଅଭିମୁଖେ ଯାଉଛି । ରିପୋର୍ଟ ଲେଖା ହେବା ବେଳକୁ ଭାରତ ୪ ୱିକେଟ ହରାଇ ୨୭୪ ରନ କରିଛି । ଇଣ୍ଡିଜର ପ୍ରଥମ ଇନିଂସ ସ୍କୋର ତୁଳନାରେ ଭାରତ ୧୧୨ ରନ ଲିଡ ହାସଲ କରିସାରିଲାଣି । ଧ୍ରୁବ ଜୁରେଲ ୪୩ ଓ ରବୀନ୍ଦ୍ର ଜାଡେଜା ୨୭ ରନ କରି ବ୍ୟାଟିଂ କରୁଛନ୍ତି ।

## ଓଡ଼ିଶା ରଣଜୀ ଦଳ ଘୋଷିତ

ଭୁବନେଶ୍ୱର,୩/୧୦(ଆ.ପ୍ର): କ୍ରୀଡ଼ା ବର୍ଷ ୨୦୨୫-୨୬ ପାଇଁ ଓଡ଼ିଶା ରଣଜୀ ଟିମ୍ ଘୋଷଣା କରାଯାଇଛି । ଓଡ଼ିଶା ବରିଷ୍ଠ ପୁରୁଷ ଚୟନ କମିଟିର ସଦସ୍ୟ ସୌରଜିତ ମହାପାତ୍ର, ଅବକାଶ ଖୁଣ୍ଟିଆ ଓ ଶୁଭଜିତ ସାହୁ ୩ଟି ମ୍ୟାଚ୍ ପାଇଁ ୧୫ ଜଣିଆ ଟିମ୍ ଘୋଷଣା କରିଛନ୍ତି । ଏହି ଟିମ୍‌ରେ ଶୁଭ୍ରାଂଶୁ ସେନାପତିଙ୍କୁ ଅଧିନାୟକ ଭାବେ ଚୟନ କରାଯାଇଛି । ଓଡ଼ିଶା କ୍ରିକେଟ୍ ଆସୋସିଏସନ୍‌ର ସଂପାଦକ ସଂଜୟ ବେହେରା ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ଏହା ଜଣାଇଛନ୍ତି । ୧୫ଜଣିଆ ଟିମ୍ ହେଲେ ଶୁଭ୍ରାଂଶୁ ସେନାପତି (ଅଧିନାୟକ), ସ୍ୱସ୍ତିକ ସାମଲ (ଉପଅଧିନାୟକ), ଗୌରବ ଚୌଧୁରୀ, ସନ୍ଦୀପ ପଟ୍ଟନାୟକ, ଗୋବିନ୍ଦ ପୋଦ୍ଦାର, ଆଶୀର୍ବାଦ ସ୍ୱାଇଁ(ୱିକେଟ୍ କିପର), ରାକେଶ ଧୁପର (ୱିକେଟ୍ କିପର), ଅନିଲ ପରିଡ଼ା, ସମିତ ଏସ୍ ବରାକ, ସୁମିତ ଶର୍ମା, ବାଦଲ ବିଶ୍ୱାଳ, ସୁନୀଲ କୁମାର ରାଉଳ, ରାଜେଶ ମହାନ୍ତି, ତାରିଣୀ ସା, ତାପସ ଦାସ । ଷ୍ଟାଣ୍ଡବାଏ ଖେଳାଳି ମଧ୍ୟରେ ଶାନ୍ତନୁ ମିଶ୍ର, ବିପ୍ଲବ ସାମନ୍ତରାୟ, ସୌରଭ ଗୌଡ଼, ପ୍ରଶାନ୍ତ ରଣା ଓ କାର୍ତ୍ତିକ ବିଶ୍ୱାଳ ଅଛନ୍ତି । ସୂଚନାଯୋଗ୍ୟ ରଣଜୀ ଟ୍ରଫିର କ୍ରୀଡ଼ା ସୂଚୀ ଅନୁସାରେ ଓଡ଼ିଶା ଓ ଭଦୋଦରା ମଧ୍ୟରେ ଆସନ୍ତା ୧୫-୧୮ ତାରିଖରେ ମ୍ୟାଚ୍ ଖେଳାଯିବ । ବାରବାଟୀ ଷ୍ଟାଡିୟମରେ ଏହି ମ୍ୟାଚ୍‌ର ଆୟୋଜନ ହେବ ।

## ଉପ ଅଧିନାୟକ ରବୀନ୍ଦ୍ର ଜାଡେଜାଙ୍କ ଜଲୱା, ଧୋନିଙ୍କୁ ବି ପଛରେ ପକାଇଲେ



ଟେଷ୍ଟ କ୍ରିକେଟରେ ଭାରତର ନୂଆ ଉପ ଅଧିନାୟକ ରବୀନ୍ଦ୍ର ଜାଡେଜା ନିଜର ଜଲୱା ଦେଖାଇଛନ୍ତି । ଅମହମଦାବାଦରେ ଚାଲିଥିବା ପ୍ରଥମ ଟେଷ୍ଟର ଦ୍ୱିତୀୟ ଦିନରେ ଜେଡେଜାଙ୍କ ବ୍ୟାଟରୁ ଦେଖିବାକୁ ମିଳିଛି ଶତକ । ଭାରତୀୟ ଇନିଂସର ୧୨୬ତମ ଓଭରର ତୃତୀୟ ବଲରେ ସେ ୧ ରନ ନେଇ ନିଜ ଟେଷ୍ଟ କ୍ୟାରିୟରରେ ଆଉ ଏକ ଶତକ ହାସଲ କରିଛନ୍ତି । ଏହା ଟେଷ୍ଟରେ ଜାଡେଜାଙ୍କ ୬ଷ୍ଠ ଶତକ । ଏହି ଶତକୀୟ ଇନିଂସରେ ସେ ୬ଟି ଚୌକା ଓ ୫ଟି ବିଶାଳ ଛକା ମାରିଛନ୍ତି । ଶତକ ହାସଲ ପରେ ନିଜର ପାରମ୍ପରିକ ଖଣ୍ଡା ବୁଲାଇବା ଷ୍ଟାଇଲରେ ଏହାକୁ ସେ ସେଲିବ୍ରେଟ କରିଛନ୍ତି । ଦ୍ୱିତୀୟ ଦିନର ଖେଳ ଶେଷ ହେବା ବେଳକୁ ଜାଡେଜା ୧୦୯ ରନ କରି ଅପରାଜିତ ରହିଛନ୍ତି । ତେଣୁ ଶନିବାର ମଧ୍ୟ ତାଙ୍କ ଠାରୁ ଅଧିକ କିଛି ରନ ଆଶା ରଖିଛନ୍ତି କ୍ରିକେଟ ପ୍ରେମୀ । ତେବେ ଆଜି ଶତକ ହାସଲ କରିବା ପରେ ଜାଡେଜା ନିଜକୁ ବିରଳ ରେକର୍ଡ କ୍ଲବରେ ସାମିଲ କରିପାରିଛନ୍ତି । ସେ ବିଶ୍ୱର ୬ଷ୍ଠ କ୍ରିକେଟର ଭାବେ ଟେଷ୍ଟ କ୍ରିକେଟରେ ୬ କିମ୍ବା ତା' ଠାରୁ ଅଧିକ ଶତକ ଓ ୩୦୦ ୱିକେଟ ନେବାର ବିରଳ ସଫଳତା ହାସଲ କରିପାରିଛନ୍ତି ।

ଏହି ରେକର୍ଡ କ୍ଲବରେ ପୂର୍ବରୁ ଇଂଲଣ୍ଡର ଇଆନ ବୋଥାମ, ଭାରତର କପିଳ ଦେବ, ରବି ଅଶ୍ୱିନ, ପାକିସ୍ତାନର ଇମ୍ରାନ ଖାନ ଓ ନ୍ୟୁଜିଲ୍ୟାଣ୍ଡର ଡାନେଲ ଭେଟୋରି ରହିଥିଲେ । ଏବେ ଜାଡେଜା ଏହି କ୍ଲବରେ ସାମିଲ ହୋଇଛନ୍ତି । ଅନ୍ୟପକ୍ଷରେ ଜାଡେଜା ତୃତୀୟ ଭାରତୀୟ ଭାବେ ଆଉ ଏକ ନିଆରା ସଫଳତା ସାଉଁଟିଛନ୍ତି । ସେ କପିଳ ଦେବ ଓ ଅଶ୍ୱିନଙ୍କ ପରେ ଟେଷ୍ଟ କ୍ରିକେଟରେ ୬ଟି ଶତକ ସହ ୬ ଥର ୫ ୱିକେଟ ନେବାର କୀର୍ତ୍ତିମାନ ହାସଲ କରିଛନ୍ତି । କପିଳ ଦେବ ୧୩୧ଟି ଟେଷ୍ଟ ମ୍ୟାଚ୍‌ରେ ୮ଟି ଶତକ ଓ ୨୩ଥର ୫ କିମ୍ବା ତା' ଠାରୁ ଅଧିକ ୱିକେଟ ନେଇଥିଲେ । ସେହିପରି ଅଶ୍ୱିନ ୧୦୬ଟି ଟେଷ୍ଟରେ ୬ଟି ଶତକ ଓ ୩୭ ଥର ୫ କିମ୍ବା ତା'ଠାରୁ ଅଧିକ ୱିକେଟ ନେଇଛନ୍ତି । ଜାଡେଜା ଏଯାଏ ୮୬ଟି ଟେଷ୍ଟରେ ୬ଟି ଶତକ ଓ ୧୫ଥର ୫ରୁ ଅଧିକ ୱିକେଟ ନେବାର ରେକର୍ଡ କରିସାରିଲେଣି ।

୧୦୯ ରନର ଅପରାଜିତ ଇନିଂସ ଖେଳିଥିବା ଜାଡେଜା ୬ଟି ଚୌକା ଓ ୫ଟି ଛକା ମାରିଛନ୍ତି । ଏଥିସହ ସେ ୫ମ ୱିକେଟ ପାଇଁ ଧ୍ରୁବ ଜୁରେଲ(୧୨୫)ଙ୍କ ସହ ମିଶି ୨୦୬ ରନ ଯୋଡ଼ିଛନ୍ତି । ଆଜି ଜାଡେଜା ୫ଟି ଛକା ମାରି ଭାରତର ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂହ ଧୋନିଙ୍କୁ ଅତିକ୍ରମ କରିଯାଇଛନ୍ତି । ଟେଷ୍ଟ କ୍ରିକେଟରେ ଭାରତ ପାଇଁ ସର୍ବାଧିକ ଛକା ମାରିବା ତାଲିକାରେ ଜାଡେଜା ଏବେ ୪ର୍ଥରେ ପହଞ୍ଚି ଯାଇଛନ୍ତି । ଧୋନି ୯୦ଟି ଟେଷ୍ଟରେ ୭୮ଟି ଛକା ମାରିଥିବା ବେଳେ ଜାଡେଜାଙ୍କ ଛକା ସଂଖ୍ୟା ୮୦ରେ ପହଞ୍ଚି ଯାଇଛି । ତାଲିକାର ୧ନଂ ସ୍ଥାନରେ ବୀରେନ୍ଦ୍ର ସେହୱାଗ ରହିଛନ୍ତି । ସେ ୧୦୩ଟି ଟେଷ୍ଟରେ ମୋଟ ୯୦ଟି ଛକା ମାରିଛନ୍ତି । ତାଙ୍କ ପଛକୁ ୪୭ଟି ମ୍ୟାଚ୍‌ରେ ସମାନ ୯୦ ଛକା ମାରି ଋଷଭ ପନ୍ତ ଓ ନିକଟରେ ଅବସର ନେଇଥିବା ରୋହି ଶର୍ମା ୬୭ଟି ମ୍ୟାଚ୍‌ରେ ୮୮ଟି ଛକା ମାରିଛନ୍ତି ।

## ଖେଳାଳିଙ୍କୁ ଠକିଦେଇଥିଲେ ପାକିସ୍ତାନ ସରକାର



ନୂଆଦିଲ୍ଲୀ, ୩/୧୦(ନ୍ୟୁ.ଏ): ୨୦୨୫ ଏସିଆ କପ୍ ସମୟରେ ପାକିସ୍ତାନ କ୍ରିକେଟ୍ ଦଳ ନିରନ୍ତର ବିବାଦରେ ଫସି ରହିଥିଲା । ପିସିବି ଅଧ୍ୟକ୍ଷ ମୋହସିନ୍ ନକଭିଙ୍କ କାରଣରୁ ଭାରତୀୟ ଖେଳାଳିମାନେ ଟ୍ରଫି ଗ୍ରହଣ କରିବାକୁ ମନା କରିବା ହେଉ, ପାକିସ୍ତାନ କ୍ରିକେଟ୍ ପ୍ରଶାସନର ବିଫଳତା ହେଉ, କିମ୍ବା ନକଭିଙ୍କ ଏସିଆ କପ୍ ଟ୍ରଫି ନେଇ ପଳାଇବା ହେଉ, ପ୍ରତ୍ୟେକ ପ୍ରସଙ୍ଗ ଧ୍ୟାନ ଆକର୍ଷଣ କରିଥିଲା । ଏହି ସମୟରେ, ପୂର୍ବତନ ପାକିସ୍ତାନୀ କ୍ରିକେଟର ସଇଦ ଅଜମଲଙ୍କ ଏକ ପୁରୁଣା ବୟାନ ସୋସିଆଲ ମିଡିଆରେ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଇଛି । ପ୍ରକୃତରେ, ଅଜମଲ କହିଥିଲେ ଯେ ୨୦୦୯ ଟି୨୦ ବିଶ୍ୱକପ୍ ଜିତିବା ପରେ ପାକିସ୍ତାନ ଦଳକୁ ତାଙ୍କ ନିଜ ସରକାର ବିଶ୍ୱାସଘାତକତା କରିଥିଲେ । ଇଂଲଣ୍ଡର ଲର୍ଡସରେ ଖେଳାଯାଇଥିବା ଫାଇନାଲରେ ପାକିସ୍ତାନ ଟାଇଟେଲ ଜିତିଥିଲା ଏବଂ ସମଗ୍ର ଦେଶ ଉତ୍ସବ ପାଳନରେ ଉଠୁଥିଲା । ତତ୍କାଳୀନ ପ୍ରଧାନମନ୍ତ୍ରୀ ୟୁସୁଫ୍ ରାଜା ଗିଲାନି ଖେଳାଳିମାନଙ୍କୁ ପ୍ରତ୍ୟେକଙ୍କୁ ୨୫ ଲକ୍ଷ ପାକିସ୍ତାନୀ ଟଙ୍କା ଦେବାକୁ ପ୍ରତିଶ୍ରୁତି ଦେଇଥିଲେ, କିନ୍ତୁ ଯେତେବେଳେ ଟଙ୍କା ବଣ୍ଟନ କରିବାର ସମୟ ଆସିଲା, ସରକାର ସେମାନଙ୍କୁ ଚେକ୍ ଦେଇଥିଲେ, ଯାହା ପରେ ବାଉନ୍ସ ହୋଇଗଲା । ଅଜମଲ ଏକ ପଡକାଷ୍ଟରେ କହିଛନ୍ତି, 'ସରକାରଙ୍କ ଦ୍ୱାରା ଜାରି ହୋଇଥିବା ଚେକ୍ ବାଉନ୍ସ ହୋଇପାରେ ବୋଲି ମୁଁ ଆଶ୍ଚର୍ଯ୍ୟ ହୋଇଥିଲି । ପରେ, ଯେତେବେଳେ ଖେଳାଳିମାନେ ଏହି ବିଷୟରେ ପାକିସ୍ତାନ କ୍ରିକେଟ୍ ବୋର୍ଡ ସହିତ ଯୋଗାଯୋଗ କରିଥିଲେ, ସେମାନେ ଏବାବଦରେ କିଛି କହିବାକୁ ସ୍ପଷ୍ଟ ଭାବରେ ମନା କରିଦେଇଥିଲେ ।

## ପାକିସ୍ତାନକୁ ସ୍ଥଳସେନା ମୁଖ୍ୟଙ୍କ କଡ଼ା ଚେତାବନୀ



ନୂଆଦିଲ୍ଲୀ,୩/୧୦(ନ୍ୟୁ.ଏ): ଆତଙ୍କୀସ୍ଥାନ ପାକିସ୍ତାନକୁ କଡ଼ା ଚେତାବାନୀ ଦେଇଛନ୍ତି ଭାରତର ସ୍ଥଳ ସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ । ପାକିସ୍ତାନ ଆତଙ୍କବାଦର ସମର୍ଥନ ବନ୍ଦ କରୁ । ନଚେତ ପାକିସ୍ତାନ ନିଜର ଭୌଗଳିକ ଉପସ୍ଥିତିକୁ ହରାଇବ । ଯଦି ପାକିସ୍ତାନ ବିଶ୍ୱ ମାନଚିତ୍ରରେ ନିଜର ସ୍ଥାନ ଅତୁଟ ରଖିବାକୁ ଚାହୁଁଛି, ତା'ହେଲେ ରାଜ୍ୟ ପ୍ରାୟୋଜିତ ଆତଙ୍କବାଦକୁ ବନ୍ଦ କରୁ । ନଚେତ ଆମେ ପାକିସ୍ତାନର ଉପସ୍ଥିତିକୁ ମାନଚିତ୍ରରୁ ଲିଭାଇ ଦେବୁ । ଏଭଳି ଭାଷାରେ ଆଜି ପାକିସ୍ତାନକୁ କଡ଼ା ଚେତାବନୀ ଦେଇଛନ୍ତି ଜେନେରାଲ ଦ୍ୱିବେଦୀ । ରାଜସ୍ଥାନର ଅନୁପଗଡ଼ରେ ଥିବା ଆର୍ମି ପୋଷ୍ଟରେ ଜେନେରାଲ ଦ୍ୱିବେଦୀ କହିଛନ୍ତି ଯେ ଭାରତୀୟ ସେନା ବାହିନୀ ଏଥର କୌଣସି ପ୍ରକାରର ସଂଯମତା ଦେଖାଇବ ନାହିଁ । ପାକିସ୍ତାନ ଯଦି ଆତଙ୍କବାଦର ରପ୍ତାନୀ ବନ୍ଦ ନ କରିବ, ତା'ହେଲେ ଅପରେସନ ସିନ୍ଦୂରର ଦ୍ୱିତୀୟ ଭାଗ ବେଶୀ ଦୂର ନୁହେଁ ବୋଲି ସେ ଆଜି ସଙ୍କେତ ଦେଇଛନ୍ତି । ଜେନେରାଲ ଦ୍ୱିବେଦୀ କହିଛନ୍ତି, "ଅପରେସନ ସିନ୍ଦୂର ୧.୦ରେ ଆମେ ଯେଉଁ ଭଳି ସଂଯମତା ଦେଖାଇଥିଲୁ, ଏଥର ଆଉ ସେମିତି କରିବୁ ନାହିଁ । ଏଥର ଆମେ ଏମିତି କିଛି କରିବୁ, ଯାହାକୁ ଦେଖିବା ପରେ ପାକିସ୍ତାନ ନିଜର ଭୂଗୋଳରେ ନିଜର ଉପସ୍ଥିତି ରହିବା ଉଚିତ କି ନୁହେଁ, ତା'ର ବିଚାର କରିବ । ଯଦି ପାକିସ୍ତାନ ବିଶ୍ୱ ଇତିହାସ ଓ ନିଜର ଭୌଗଳିକ ଉପସ୍ଥିତି ଚାହୁଁଛି, ତା'ହେଲେ ରାଜ୍ୟ ପ୍ରାୟୋଜିତ ଆତଙ୍କବାଦକୁ ବନ୍ଦ କରୁ । ଭାରତକୁ ଉସକାଇବା ବନ୍ଦ କରୁ । ନଚେତ ଏହାର ଜବାବ କଳ୍ପନା ବାହାରେ ରହିବ ।

## ଭାରତ-ଚୀନ ମଧ୍ୟରେ ପୁଣି ଆରମ୍ଭ ହେବ ବିମାନ ସେବା



ନୂଆଦିଲ୍ଲୀ,୩/୧୦(ନ୍ୟୁ.ଏ): ଭାରତ ଏବଂ ଚୀନ୍ ଏହି ମାସ ଶେଷ ସୁଦ୍ଧା (ଅକ୍ଟୋବର ୨୦୨୫) ସିଧାସଳଖ ବିମାନ ସେବା ପୁନଃ ଆରମ୍ଭ କରିବାକୁ ରାଜି ହୋଇଛନ୍ତି । ଭାରତ ଏବଂ ଚୀନ୍‌ର ବେସାମରିକ ବିମାନ ଚଳାଚଳ କର୍ତ୍ତୃପକ୍ଷ ଏହି ବର୍ଷ ଆରମ୍ଭରୁ ଦୁଇ ଦେଶ ମଧ୍ୟରେ ସିଧାସଳଖ ବିମାନ ସେବା ପୁନଃ ଆରମ୍ଭ ଏବଂ ଏକ ସଂଶୋଧିତ ବିମାନ ସେବା ଚୁକ୍ତିନାମା ଉପରେ ଆଲୋଚନା କରୁଛନ୍ତି । ଏହା ଦୁଇ ଦେଶ ମଧ୍ୟରେ ସମ୍ପର୍କକୁ ଧୀରେ ଧୀରେ ସ୍ୱାଭାବିକ କରିବା ପାଇଁ ଭାରତ ସରକାରଙ୍କ ନୀତିର ଏକ ଅଂଶ । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଦ୍ୱାରା ଜାରି ଏକ ବିବୃତ୍ତି ଅନୁଯାୟୀ, ଏହି ଆଲୋଚନା ପରେ, ବର୍ତ୍ତମାନ ଏହା ସହମତ ହୋଇଛି ଯେ ଭାରତ ଏବଂ ଚୀନ୍ ମଧ୍ୟରେ ନିର୍ଦ୍ଦିଷ୍ଟ ସ୍ଥାନଗୁଡ଼ିକୁ ସଂଯୋଗ କରୁଥିବା ସିଧାସଳଖ ବିମାନ ସେବା ୨୦୨୫ ଅକ୍ଟୋବର ଶେଷ ସୁଦ୍ଧା ପୁନଃ ଆରମ୍ଭ ହୋଇପାରିବ । ବିବୃତ୍ତିରେ ଆହୁରି କୁହାଯାଇଛି, 'ବେସାମରିକ ବିମାନ ଚଳାଚଳ କର୍ତ୍ତୃପକ୍ଷଙ୍କ ମଧ୍ୟରେ ଏହି ଚୁକ୍ତିନାମା ଭାରତ ଏବଂ ଚୀନ୍ ମଧ୍ୟରେ ଲୋକ-ଲୋକଙ୍କ ସମ୍ପର୍କକୁ ଆହୁରି ପ୍ରୋତ୍ସାହିତ କରିବ, ଦ୍ୱିପାକ୍ଷିକ ଆଦାନପ୍ରଦାନକୁ ଧୀରେ ଧୀରେ ସ୍ୱାଭାବିକ କରିବାରେ ସହାୟକ ହେବ ।' ଗତ ମାସରେ ସାଂଘାଇ ସହଯୋଗ ସଂଗଠନ ଶିଖର ସମ୍ମିଳନୀ ଅବସରରେ ତିଆନଜିନ୍‌ରେ ହୋଇଥିବା ସେମାନଙ୍କ ସାକ୍ଷାତ ସମୟରେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗ ପରସ୍ପର ସହ ଆଲୋଚନା କରି ଦୁଇ ଦେଶର ସମ୍ପର୍କକୁ ପ୍ରାଥମିକତା ଦେବା ନେଇ ଗୁରୁତ୍ୱ ଦେଇଥିଲେ ।

## ସକାଳୁ ସକାଳୁ ଭୂମିକମ୍ପରେ ଥରିଲା ଇଣ୍ଡୋନେସିଆ

ନୂଆଦିଲ୍ଲୀ,୩/୧୦(ନ୍ୟୁ.ଏ): ଆଜି ସକାଳୁ ସକାଳୁ ଇଣ୍ଡୋନେସିଆର ପଶ୍ଚିମ ପାପୁଆ ଅଞ୍ଚଳରେ ୫.୫ ତୀବ୍ରତାର ଭୂମିକମ୍ପ ଅନୁଭୂତ ହୋଇଥିଲା । ଜର୍ମାନ ରିସର୍ଚ୍ଚ ସେଣ୍ଟର ଫର ଜିଓସାଇନ୍ସ ଅନୁଯାୟୀ ଭୂମିକମ୍ପର କେନ୍ଦ୍ରସ୍ଥଳ ପଶ୍ଚିମ ପାପୁଆ । ଏଯାବତ କୌଣସି ମୃତାହତ କିମ୍ବା ସୁନାମି ଚେତାବନୀ ରିପୋର୍ଟ ଆସିନାହିଁ । ଭୂମିକମ୍ପର ଗଭୀରତା ୧୦କିଲୋମିଟର ଥିଲା । ଏପରି ଭୂମିକମ୍ପ ଭୟଙ୍କର ହୋଇପାରେ । ସ୍ଥାନୀୟ କର୍ତ୍ତୃପକ୍ଷ ଉଦ୍ଧାରକାରୀ ଦଳକୁ ସତର୍କ ରହିବାକୁ କହିଛନ୍ତି । ଅଧିକାରୀମାନେ କହିଛନ୍ତି ଯେ ସକାଳେ ହୋଇଥିବା ଭୂମିକମ୍ପ ପରେ ପରବର୍ତ୍ତୀ ଝଟକା ହେବାର ସମ୍ଭାବନା ଅଧିକ ରହିଛି ।

## ଭାରତ ଆସିବେ ତାଲିବାନର ବୈଦେଶିକ ମନ୍ତ୍ରୀ

ନୂଆଦିଲ୍ଲୀ,୩/୧୦(ନ୍ୟୁ.ଏ): ଆସନ୍ତା ଅକ୍ଟୋବର ୯ ତାରିଖରେ ଭାରତ ଗସ୍ତ କରିବାକୁ ପ୍ରସ୍ତୁତ ହେଉଛନ୍ତି ତାଲିବାନ ସରକାରଙ୍କ ଆଫଗାନ ବୈଦେଶିକ ମନ୍ତ୍ରୀ ଆମିର ଖାନ ମୁତାକି । ଯାହାକି ଏକ ଐତିହାସିକ ଘଟଣା । ୨୦୨୧ ମସିହା ଅଗଷ୍ଟ ମାସରେ ଆଫଗାନିସ୍ତାନରେ ତାଲିବାନ କ୍ଷମତା ଦଖଲ କରିବା ପରେ ଏହା କାବୁଲରୁ ନୂଆଦିଲ୍ଲୀକୁ ପ୍ରଥମ ଉଚ୍ଚସ୍ତରୀୟ ଗସ୍ତ ହେବ, ଯାହା ଭାରତ-ତାଲିବାନ ସମ୍ପର୍କର ଏକ ନୂତନ ଅଧ୍ୟାୟକୁ ଚିହ୍ନିତ କରିବ । ଜାତିସଂଘ ସୁରକ୍ଷା ପରିଷଦ ନିଶ୍ଚିତ କରିଛି ଯେ ମୁତାକିଙ୍କୁ ଅନ୍ତର୍ଜାତୀୟ ଯାତ୍ରା ପ୍ରତିବନ୍ଧକରୁ ଏକ ଅସ୍ଥାୟୀ ଛାଡ ଦିଆଯାଇଛି, ଯାହା ତାଙ୍କୁ ଅକ୍ଟୋବର ୯ ରୁ ୧୬ ମଧ୍ୟରେ ନୂଆଦିଲ୍ଲୀ ଗସ୍ତ କରିବାକୁ ଅନୁମତି ଦେଉଛି । ଜାନୁଆରୀ ମାସରୁ ବୈଦେଶିକ ସଚିବ ବିକ୍ରମ ମିଶ୍ରୀ ଏବଂ ବରିଷ୍ଠ ଆଇଏଫଏସ୍ ଅଧିକାରୀ ଜେ.ପି. ସିଂହଙ୍କ ସମେତ ଭାରତୀୟ ଅଧିକାରୀମାନେ ମୁତାକି ଏବଂ ଅନ୍ୟ ତାଲିବାନ ନେତାଙ୍କ ସହିତ ଅନେକ ପର୍ଯ୍ୟାୟ ଆଲୋଚନା କରିଛନ୍ତି । ଭାରତର ବୈଦେଶିକ ସଚିବ ବିକ୍ରମ ମିଶ୍ରୀ ଦୁବାଇରେ ଆଫଗାନିସ୍ତାନ ବୈଦେଶିକ ମନ୍ତ୍ରୀ ଆମିର ଖାନ ମୁତାକିଙ୍କୁ ଭେଟିଥିଲେ, ଯେଉଁଠାରେ ଆଫଗାନିସ୍ତାନକୁ ନୂଆଦିଲ୍ଲୀର ମାନବିକ ସହାୟତା, ବିଶେଷକରି ସ୍ୱାସ୍ଥ୍ୟ କ୍ଷେତ୍ରକୁ ସୁଦୃଢ଼ କରିବା ଏବଂ ଶରଣାର୍ଥୀ ପୁନର୍ବାସକୁ ସମର୍ଥନ କରିବା ଉପରେ ଆଲୋଚନା ହୋଇଥିଲା ।

## ଭାରତକୁ ସମର୍ଥନ କରି ଟ୍ରମ୍ପଙ୍କ ଦୋମୁହାଁ ନୀତିର ଗୁମର ଖୋଲିଲେ ପୁଟିନ



ନୂଆଦିଲ୍ଲୀ,୩/୧୦(ନ୍ୟୁ.ଏ): ପୂରା ବିଶ୍ୱକୁ ଟାରିଫର ନାଲି ଆଖି ଦେଖାଉଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଗୁମର ଖୋଲିଛନ୍ତି ତାଙ୍କ ରୁଷ ପ୍ରତିପକ୍ଷ ଭ୍ଲାଦିମିର ପୁଟିନ । ଟ୍ରମ୍ପ ପୂରା ବିଶ୍ୱ ଆଗରେ ପ୍ରଦର୍ଶନ କରୁଥିବା ଦୋମୁହାଁ ନୀତିର ପର୍ଦ୍ଦାଫାସ ହୋଇଛି । ୟୁକ୍ରେନ ସହ ଯୁଦ୍ଧ କରୁଥିବା ରୁଷଠାରୁ ତେଲ କିଣୁଥିବା ଭାରତ ସମେତ ଅନ୍ୟ ଦେଶଗୁଡ଼ିକ ଉପରେ ଟ୍ରମ୍ପ ଏହାକୁ ବନ୍ଦ କରିବାକୁ ଚାପ ପକାଉଛନ୍ତି । କିନ୍ତୁ ଆମେରିକା ନିଜେ ରୁଷ ଠାରୁ ନିଜର ଆଣବିକ ଶିଳ୍ପ ପାଇଁ ୟୁରାନିୟମ କିଣି ଚାଲିଛି । ଏହା ଟ୍ରମ୍ପଙ୍କ ଦୋମୁହାଁ ନୀତି ବୋଲି ପୁଟିନ ସମଗ୍ର ବିଶ୍ୱକୁ ଜଣାଇଛନ୍ତି । ସୋଚି ଠାରେ ଭ୍ଲାଡାଇ ଫୋରମରେ ନିଜର ଅଭିଭାଷଣ ରଖି ପୁଟିନ ସହଯୋଗୀ ଭାରତକୁ ତେଲ କିଣିବା ପାଇଁ ସମର୍ଥନ କରିଛନ୍ତି । ନିଜ ଅଭିଭାଷଣରେ ସେ ଟ୍ରମ୍ପଙ୍କ ଦୋମୁହାଁ ନୀତିର ପର୍ଦ୍ଦାଫାସ କରିବାରେ କୌଣସି ପ୍ରକାରର ସୁଯୋଗ ହାତ ଛଡ଼ା କରି ନାହାନ୍ତି । ରୁଷର ବାଣିଜ୍ୟ ସହଯୋଗୀଙ୍କ ଉପରେ ଆମେରିକା ଚାପ ପକାଇ ୟୁକ୍ରେନ ଯୁଦ୍ଧ ବନ୍ଦ କରିବାକୁ କହୁଥିଲେ ହେଁ ନିଜେ ମସ୍କୋ ସହ ବ୍ୟବସାୟ କରୁଥିବା ପୁଟିନ କହିଛନ୍ତି ।

ପୁଟିନଙ୍କ କହିବା କଥା ଯେ ଆମେରିକାକୁ ୟୁରାନିୟମ ରପ୍ତାନୀ କରୁଥିବା ଦ୍ୱିତୀୟ ସର୍ବବୃହତ୍ ରାଷ୍ଟ୍ର ହେଉଛି ରୁଷ । ୨୦୨୫ରେ ୧.୨ ବିଲିୟନ ୟୁରାନିୟମ ଆମେରିକାକୁ ରପ୍ତାନୀ କରିବାକୁ ଯୋଜନା ରହିଛି । ସେ କହିଛନ୍ତି, "ଆଣବିକ ଶକ୍ତି ପ୍ଲାଣ୍ଟ ବ୍ୟବହାର କରୁଥିବା ରାଷ୍ଟ୍ରଗୁଡ଼ିକ ମଧ୍ୟରେ ଆମେରିକା ସର୍ବବୃହତ୍ । ଯେହେତୁ ଆମେରିକାରେ ଆଣବିକ ଶକ୍ତି ବେଶ ବିକଶିତ ହୋଇ ସାରିଛି, ଏହାକୁ ଚାଲୁ ରଖିବା ପାଇଁ ବିପୁଳ ପରିମାଣର ତେଲ ଆବଶ୍ୟକ । ଆମେ ସର୍ବବୃହତ୍ ରପ୍ତାନୀକାରୀ ରାଷ୍ଟ୍ର ନୁହଁ, କିନ୍ତୁ ଆମେରିକା ମାର୍କେଟକୁ ୟୁରାନିୟମ ରପ୍ତାନୀ କରୁଥିବା ଦ୍ୱିତୀୟ ସର୍ବବୃହତ୍ ରାଷ୍ଟ୍ର ହେଉଛି ରୁଷ ।" ଏପରି କହି ପୁଟିନ ଆମେରିକା ପ୍ରଦର୍ଶନ କରୁଥିବା ଦୋମୁହାଁ ନୀତିର ଗୁମର ଖୋଲି ଦେଇଛନ୍ତି । ଆମେରିକା ମାର୍କେଟରେ ବିକ୍ରି ହେଉଥିବା ମୋଟ ୟୁରାନିୟମର ୨୫% ଭାଗ ହେଉଛି ରୁଷର । ୨୦୨୪ରେ ରୁଷ ପକ୍ଷରୁ ଆମେରିକାକୁ ପ୍ରାୟ ୮୦୦ ମିଲିୟନ ଡଲାରର ୟୁରାନିୟମ ବିକ୍ରି କରାଯାଇଥିଲା । ଭାରତୀୟ ଦ୍ରବ୍ୟଗୁଡ଼ିକ ଉପରେ ଟ୍ରମ୍ପ ଚଳିତ ବର୍ଷ ଅଗଷ୍ଟ ମାସରେ ୨୫% ଟାରିଫ ଲଗାଇଥିଲେ । ପରବର୍ତ୍ତୀ ଅବସ୍ଥାରେ ରୁଷ ଠାରୁ ତେଲ କିଣୁ ଥିବାରୁ ଭାରତ ଉପରେ ଆଉ ୨୫% ଅର୍ଥାତ ମୋଟ ୫୦% ଟାରିଫ ଲଗାଇଥିଲା ଆମେରିକା । ଭାରତ ତୁଳନାରେ ଚାଇନା ସର୍ବାଧିକ ତେଲ ରୁଷ ଠାରୁ କିଣୁଛି । ତଥାପି ଆମେରିକା ପକ୍ଷରୁ ଚାଇନା ତୁଳନାରେ ଭାରତ ଉପରେ ଅଧିକ ଟାରିଫ ଲାଗୁ କରିଛି । ଏପରି କି ରୁଷ ଠାରୁ ତେଲ ଓ ଗ୍ୟାସ କିଣୁଥିବା ରାଷ୍ଟ୍ରଗୁଡ଼ିକ ଉପରେ ଅଧିକ ଟାରିଫ ଲଗାଇବାକୁ ୟୁରୋପୀୟ ୟୁନିୟନକୁ ମଧ୍ୟ କହୁଛନ୍ତି । କିନ୍ତୁ ଆମେରିକା ଅନ୍ୟମାନଙ୍କୁ ନାଲି ଆଖି ଦେଖାଉଥିବା ବେଳେ ନିଜେ ରୁଷ ଠାରୁ କେମିକାଲ, ୟୁରାନିୟମ ଓ ସାର କିଣିବାରେ ବ୍ୟସ୍ତ ରହିଛି । ରୁଷ ଠାରୁ ଅଶୋଧିତ ତେଲ କିଣୁଥିବା ଭାରତ ଉପରେ ଆମେରିକା ନିୟମିତ ଚାପ ପକାଉଥିବାରୁ ଏହାକୁ ସମାଲୋଚନା କରିଛନ୍ତି ।

Printer & Publisher Deepak Kumar Das, Printed at Omkar Offset, Nayabazar, Balasore-1, Odisha, Published from Hyphen Publication, Nayabazar, Balasore-1, Odisha.
Phone & Fax : 06782-266998, Mobile : 9438600886, E-mail : seithuarambha@gmail.com
ସଂପାଦକ : ଶୁଭେନ୍ଦୁ ଦାସ
Editor : Subhendu Das